# NATIONAL NEWS BULLETIN (ODIA)

**26 March - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଘରୋଇ ବ୍ୟବହାର ନିମନ୍ତେ ଉଦ୍ଦିଷ୍ଟ ପେଟ୍ରୋଲ ଏବଂ ଡିଜେଲ ଉପରେ ଲିଟର ପିଛା ୧୦ଟଙ୍କା ଉତ୍ପାଦ ଶୁଳ୍କ ହ୍ରାସ କଲେ ସରକାର ।

- ପଶ୍ଚିମ ଏସିଆର ସୃଷ୍ଟ ପରିସ୍ଥିତି ନେଇ ଆଜି ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଆଭାସୀ ବୈଠକ କରିବେ ପ୍ରଧାନମନ୍ତ୍ରୀ ।

- ନେପାଳର ନୂତନ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଲେ ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟିର ସଂସଦୀୟ ଦଳ ନେତା ବାଲେନ୍ଦ୍ର ଶାହା ।

\- ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ଶ୍ରୀରାମନବମୀ ଅବସରରେ ଅଯୋଧ୍ୟା ରାମଜନ୍ମଭୂମୀ ମନ୍ଦିରରେ ସୂର୍ଯ୍ୟତିଳକ ଉତ୍ସବ ଦର୍ଶନ କରିବା ସହ ପ୍ରାର୍ଥନା କଲେ ପ୍ରଧାନମନ୍ତ୍ରୀ ।

ଏବଂ

- ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସର ଆଜି ତୃତୀୟ ଦିନରେ ଅନୁଷ୍ଠିତ ହେଉଛି ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ।

# ଏକ୍ସାଇଜ୍ ଡ୍ୟୁଟି-ରିଡ୍ୟୁସ ଅଲ୍

କେନ୍ଦ୍ର ସରକାର ଘରୋଇ ବ୍ୟବହାର ନିମନ୍ତେ ଉଦ୍ଦିଷ୍ଟ ପେଟ୍ରୋଲ ଏବଂ ଡିଜେଲ ଉପରେ ଉତ୍ପାଦ ଶୁଳ୍କ ହ୍ରାସ କରିଛନ୍ତି । ଉଭୟ ପେଟ୍ରୋଲ ଏବଂ ଡିଜେଲ ଲିଟର ପିଛା ୧୦ଟଙ୍କା ହ୍ରାସ କରାଯାଉଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏହି ବିଷୟରେ ସୂଚନା ଦେଇ କହିଛନ୍ତି ପଶ୍ଚିମ ଏସିଆରେ ସୃଷ୍ଟ ପରିସ୍ଥିତିକୁ ଦୃଷ୍ଟିରେ ରଖି ଉତ୍ପାଦ ଶୁଳ୍କ ହ୍ରାସ ନିଷ୍ପତ୍ତି ଗ୍ରହଣ କରାଯାଇଛି । ସେ କହିଛନ୍ତି ଏହି ପଦକ୍ଷେପ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟବୃଦ୍ଧି ପ୍ରଭାବରୁ ଉପଭୋକ୍ତାମାନଙ୍କୁ ସୁରକ୍ଷା ଦେବ । ଅର୍ଥମନ୍ତ୍ରୀ ସୀତାରମଣ କହିଛନ୍ତି ଡିଜେଲ ଉପରେ ରପ୍ତାନୀ ଶୁଳ୍କ ଲିଟର ପିଛା ୨୧ଟଙ୍କା ୫୦ ପଇସା ଏବଂ ଆଭିଏସନ ଟର୍ବାଇନ୍ ତୈଳ ଏଟିଏଫ୍ ଉପରେ ଲିଟର ପିଛା ୨୯ଟଙ୍କା ୫୦ ପଇସା ଲାଗୁ କରାଯାଇଛି । ଯାହା ଘରୋଇ ବ୍ୟବହାର ପାଇଁ ଅଧିକ ମାତ୍ରାରେ ଉପଲବ୍ଧ ହୋଇପାରିବ ।

ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ସରକାରଙ୍କ ଏହି ନିଷ୍ପତ୍ତି ନାଗରିକମାନଙ୍କୁ ରିହାତି ପ୍ରଦାନ କରିବ ବୋଲି କହିଛନ୍ତି । ସେ କହିଛନ୍ତି ପଶ୍ଚିମ ଏସିଆ ପରିସ୍ଥିତି ଯୋଗୁଁ ସାରା ବିଶ୍ୱରେ ତୈଳ ସଙ୍କଟ ଦେଖାଦେଇଥିବା ବେଳେ କେତେକ ଦେଶରେ ତୈଳ ଦର ବୃଦ୍ଧି ପାଇଛି । ତେବେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରଙ୍କ ଉତ୍ପାଦ ଶୁଳ୍କ ହ୍ରାସ ନିଷ୍ପତ୍ତି ସରକାରଙ୍କ ଲୋକାଭିମୁଖୀ ନୀତିର ପରିପ୍ରକାଶ ବୋଲି କହିଛନ୍ତି ।

କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି ଡିଜେଲ ଏବଂ ଏଟିଏଫ୍ ଉପରେ ରପ୍ତାନୀ ଶୁଳ୍କ ବୃଦ୍ଧି କରି ଦୈନନ୍ଦିନ ବ୍ୟବହୃତ ହେଉଥିବା ପେଟ୍ରୋଲ ଓ ଡିଜେଲ ଉପରେ ଲିଟର ପିଛା ୧୦ଟଙ୍କା ଉତ୍ପାଦ ଶୁଳ୍କ ହ୍ରାସ କରିବା ନିଷ୍ପତ୍ତି ନାଗରିକମାନଙ୍କୁ ଅଶ୍ୱସ୍ତି ପ୍ରଦାନ କରିବ । ସେ କହିଛନ୍ତି ଅନେକ ଦେଶରେ ତୈଳ ସଙ୍କଟ ଓ ଦର ବୃଦ୍ଧି ବୋଝ ସୃଷ୍ଟି କରିଥିବାବେଳେ ଭାରତରେ ଦର ହ୍ରାସ ଗରିବ ଏବଂ ମଧ୍ୟମ ଆୟକାରୀ ପରିବାରଗୁଡ଼ିକୁ ଲାଭାନ୍ୱିତ କରିବ ।

କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋଏଲ ଏହି ନିଷ୍ପତ୍ତିକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୪୦କୋଟି ଭାରତୀୟଙ୍କୁ ଆର୍ଥିକ ସୁରକ୍ଷା ପ୍ରଦାନ କରିବ ବୋଲି କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଗୋଏଲ କହିଛନ୍ତି ସରକାର ଦେଶର ବିକାଶ ଇଞ୍ଜିନ୍‌କୁ ଗତି ପ୍ରଦାନ ପାଇଁ ଏଭଳି ନିଷ୍ପତ୍ତି ନେଇଛନ୍ତି । ବିଶ୍ୱସ୍ତରରେ ପରିସ୍ଥିତି ଯାହା ରହିଲେ ମଧ୍ୟ ସାଧାରଣ ନାଗରିକଙ୍କ ଆବଶ୍ୟକତାକୁ ସରକାର ଅଗ୍ରାଧିକାର ଦେଉଛନ୍ତି ବୋଲି ସେ କହିଛନ୍ତି ।

---

## ଏଲ୍‌ଏସ୍-ଫର୍ଟିଲାଇଜର

ଦେଶରେ ଘରୋଇ ସାର ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ବୃଦ୍ଧି ହୋଇଛି ବୋଲି ସରକାର କହିଛନ୍ତି । ଗତ ଦଶବର୍ଷ ମଧ୍ୟରେ ୨୩୦ ଲକ୍ଷ ମେଟ୍ରିକ ଟନ୍‌ରୁ ସାର ଉତ୍ପାଦନ ବୃଦ୍ଧି ପାଇ ୩୧୫ ଲକ୍ଷ ମେଟ୍ରିକ ଟନ୍ ଅତିକ୍ରମ କରିଛି । ଲୋକସଭାରେ ପ୍ରଶ୍ନକାଳରେ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀ ଜେ.ପି. ନଡ୍ଡା କହିଛନ୍ତି ଗୋରଖପୁର, ସିନ୍ଦ୍ରି, ବାରୋଣି, ରାମକୁଣ୍ଡ ଏବଂ ପାନାଗଡଠାରେ ଗତ

୨୦୧୪ଠାରୁ ବିଭିନ୍ନ ନୂତନ ସାର କାରଖାନାରେ ଏହି ଉତ୍ପାଦନ କରାଯାଉଛି । ଭାରତ ବିଭିନ୍ନ ଦେଶ ଜୋର୍ଡାନ, ମୋରୋକ୍କୋ, ସାଉଦୀଆରବ ଏବଂ ଓମାନ ସହିତ ଦୀର୍ଘମିଆଦି ଚୁକ୍ତି କରି ସାର ଯୋଗାଣ ଶୃଙ୍ଖଳ ବୃଦ୍ଧି କରିପାରିଛି ।

କେନ୍ଦ୍ରମନ୍ତ୍ରୀ କହିଛନ୍ତି ଦେଶରେ ଆସନ୍ତା ଖରିଫ ଋତୁ ପାଇଁ ପର୍ଯ୍ୟାପ୍ତ ପରିମାଣର ସାର ମହଜୁଦ ଅଛି । ଏ ଦିଗରେ କୃଷକମାନଙ୍କର ଚିନ୍ତା କରିବାର କୌଣସି କାରଣ ନାହିଁ । ସାର ଉତ୍ପାଦନ କ୍ଷେତ୍ରରେ କଞ୍ଚାମାଲ ସଂଗ୍ରହ କରିବା ପାଇଁ ସରକାର ବିଭିନ୍ନ ନୂତନ ବଜାର ଖୋଜୁଥିବା ନେଇ ମନ୍ତ୍ରୀ କହିଛନ୍ତି ।

# ପିଏମ୍-ମିଟିଂ

ପଶ୍ଚିମ ଏସିଆରେ ସୃଷ୍ଟ ପରିସ୍ଥିତି ନେଇ ରାଜ୍ୟଗୁଡ଼ିକର ପ୍ରସ୍ତୁତି ଏବଂ ଯୋଜନା ସମୀକ୍ଷା କରିବା ଉଦ୍ଦେଶ୍ୟରେ ଆଜି ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀ ମାନଙ୍କ ସହ ଭିଡ଼ିଓ କନ୍‌ଫରେନ୍ସିଂ ଜରିଆରେ ବାର୍ତ୍ତାଳାପ କରିବେ । ସୂଚନା ଅନୁଯାୟୀ ଏହି ଆଭାସୀ ବୈଠକରେ ଦେଶରେ ଗ୍ରହଣ କରାଯାଉଥିବା ବିଭିନ୍ନ ସମନ୍ୱୟମୂଳକ ପଦକ୍ଷେପ ଉପରେ ଆଲୋଚନା ହେବ । ତେବେ ବିଧାନସଭା ନିର୍ବାଚନ ହେବାକୁଥିବା ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନେ ନିର୍ବାଚନ ଆଚରଣ ବିଧି ଯୋଗୁଁ ବୈଠକରେ ଯୋଗଦେବେ ନାହିଁ । ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀ ସଂସଦର ଉଭୟ ସଦନରେ ପଶ୍ଚିମ ଏସିଆ ପରିସ୍ଥିତି ଏବଂ ଭାରତର ଭୂମିକା ସମ୍ପର୍କରେ ଉପସ୍ଥାପନ କରିସାରିଛନ୍ତି । ସେ କହିଛନ୍ତି ସରକାର ପେଟ୍ରୋଲ, ଡିଜେଲ, ଗ୍ୟାସ୍ ଏବଂ ସାର ଯୋଗାଣ ସୁଗମ କରିବା ଲାଗି ପଦକ୍ଷେପ ଗ୍ରହଣ କରିଛନ୍ତି । ସେ ଗୃହକୁ ଜଣାଇଛନ୍ତି

ଭାରତ ପୂର୍ବରୁ ଗତ ୧୧ ବର୍ଷ ହେବ ଶକ୍ତି ଆମଦାନୀ ପାଇଁ ୨୭ଟି ରାଷ୍ଟ୍ର ଉପରେ ନିର୍ଭର କରୁଥିବାବେଳେ ଏବେ ୪୧ଟି ରାଷ୍ଟ୍ରରୁ ଆମଦାନୀ କରୁଛି ।

---

# ଲୋକସଭା-ଜେନେରିକ୍ ମେଡିସିନ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ କହିଛନ୍ତି ଭାରତ ବର୍ତ୍ତମାନ ବୈଶ୍ୱିକ ସ୍ତରରେ ପ୍ରାୟ ୩୦ ପ୍ରତିଶତ ଜେନେରିକ୍ ଔଷଧ ଯୋଗାଉଛି । ବିଶ୍ୱସ୍ତରରେ ଦେଶ ସୁଲଭ ମୂଲ୍ୟରେ ଏହି ଔଷଧ ଯୋଗାଇ ସ୍ୱାସ୍ଥ୍ୟ କ୍ଷେତ୍ରରେ ନିଜର ଭୂମିକା ପ୍ରତିପାଦନ କରିପାରୁଛି । ଲୋକସଭାରେ ପ୍ରଶ୍ନୋତ୍ତର କାଳରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ବିଶ୍ୱରେ ଭାରତ ଜେନେରିକ ଔଷଧ ପ୍ରସ୍ତୁତି କ୍ଷେତ୍ରରେ ବୃହତ୍ ରପ୍ତାନୀ କରୁଥିବା ଦେଶଭାବେ ଉଭାହୋଇଛି । ମନ୍ତ୍ରୀ କହିଛନ୍ତି ଦେଶ ମଧ୍ୟରେ ଜେନେରିକ ଔଷଧର ଅଧିକ ଉପଲବ୍ଧତା ତଥା ବ୍ୟବହାର ବୃଦ୍ଧି କରିବା ପାଇଁ ସରକାର ନିରନ୍ତର ପ୍ରୟାସ କରୁଛନ୍ତି । ଯାହାଦ୍ୱାରା ସାଧାରଣ ନାଗରିକ ସୁଲଭ ମୂଲ୍ୟରେ ଔଷଧ ସେବନ କରିବାର ସୁବିଧା ପାଉଛନ୍ତି । ବେସରକାରୀ ଡାକ୍ତରମାନେ ଜେନେରିକ ଔଷଧ ସେବନ କରିବା ପାଇଁ ପରାମର୍ଶ ଦେବା ସମ୍ପର୍କରେ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ କହିଛନ୍ତି ଭାରତୀୟ ଭେଷଜ ପରିଷଦ ନିୟମ ୨୦୦୦ ଅନୁଯାୟୀ ସମସ୍ତ ପଞ୍ଜିକୃତ ଡାକ୍ତରମାନେ ଜେନେରିକ ଔଷଧ ସେବନ କରିବା ପାଇଁ ରୋଗୀମାନଙ୍କୁ ପରାମର୍ଶ ଦେଇପାରିବେ ।

**V/O**

ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ଲୋକମାନଙ୍କୁ ସୁବିଧା ଯୋଗାଇବା ପାଇଁ ସମସ୍ତ ଡାକ୍ତରମାନେ ଜେନେରିକ ଔଷଧ ସେବନ କରିବା ପାଇଁ ପରାମର୍ଶ ଦେବାକୁ ସରକାର ସମସ୍ତ ରାଜ୍ୟ ସରକାରଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି । ସମସ୍ତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧୀନସ୍ଥ ଡାକ୍ତରଖାନା ଗୁଡ଼ିକରେ ଲୋକମାନଙ୍କ ଆର୍ଥିକ ବୋଝ କମ୍ କରିବା ପାଇଁ ଜେନେରିକ ଔଷଧ ସେବନ କରିବାକୁ ପରାମର୍ଶ ଦେବାକୁ ସରକାର ନିର୍ଦ୍ଦେଶାନାମା ଜାରି କରିଛନ୍ତି ।

ଜେନେରିକ ଔଷଧର ଗୁଣବତ୍ତା ଯାଞ୍ଚ କରିବା ପାଇଁ ନିୟମିତ ସରକାରୀ ସ୍ତରରେ ଅନୁଧ୍ୟାନ କରାଯାଉଛି ବୋଲି ରାଷ୍ଟ୍ରମନ୍ତ୍ରୀ କହିଛନ୍ତି ।

# ନେପାଳ ପିଏମ୍

ନେପାଳର ନୂତନ ପ୍ରଧାନମନ୍ତ୍ରୀ ଭାବେ ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟିର ସଂସଦୀୟ ଦଳ ନେତା ବାଲେନ୍ଦ୍ର ଶାହା ଶପଥଗ୍ରହଣ କରିଛନ୍ତି । ୩୫ ବର୍ଷୀୟ ସର୍ବକନିଷ୍ଠ ପ୍ରଧାନମନ୍ତ୍ରୀ ଭାବେ ବାଲେନ୍ଦ୍ର ଶାହାଙ୍କୁ ନେପାଳ ରାଷ୍ଟ୍ରପତି ରାମଚନ୍ଦ୍ର ପାଉଡେଲ ଶୀତଳ ନିବାସସ୍ଥିତ ରାଷ୍ଟ୍ରପତି ଭବନରେ ପଦ ଓ ଗୋପନୀୟତା ଶପଥପାଠ କରାଇଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନେପାଳର ନୂଆ ପ୍ରଧାନମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ନୂଆ ପ୍ରଧାନମନ୍ତ୍ରୀ ଶ୍ରୀ ଶାହାଙ୍କ ନେତୃତ୍ୱରେ ନେପାଳ ଜନସାଧାରଣଙ୍କ ବିଶ୍ୱାସ ପୁନଃସ୍ଥାପିତ ହେବା ନେଇ ସେ ଆଶାବାଦୀ । ଆଗାମୀ ଦିନରେ ଉଭୟ ଭାରତ ଓ ନେପାଳ ଦ୍ୱିପାକ୍ଷିକ ସହଯୋଗକୁ ଆହୁରି ଦୃଢ଼ କରିବେ ବୋଲି ଶ୍ରୀ ମୋଦୀ ଆଶାପୋଷଣ କରିଛନ୍ତି ।

# ପୁରୀ-ଲକ୍‌ଡାଉନ ରୁ୍ୟମର

ଦେଶରେ ଲକ୍‌ଡାଉନ୍ ଜାରି ହେବା ନେଇ ପ୍ରଚାର ହେଉଥିବା ଗୁଜବକୁ ସମ୍ପୂର୍ଣ୍ଣ ମିଥ୍ୟା ବୋଲି କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ହରଦୀପ୍ ସିଂହ ପୁରୀ କହିଛନ୍ତି । ସରକାରଙ୍କ ସେଭଳି କୌଣସି ପ୍ରସ୍ତାବ ବିଚାରାଧୀନ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି ।

ଅନ୍ୟପକ୍ଷରେ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ଯୋଗାଉଥିବା ବାଣିଜ୍ୟିକ ଏଲ୍‌ପିଜି ଆବଣ୍ଟନ ପରିମାଣ ୭୦ ପ୍ରତିଶତକୁ ବୃଦ୍ଧିକରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହି ଆବଣ୍ଟନ ବୃଦ୍ଧିରେ ସ୍ୱତନ୍ତ୍ରଭାବେ ଇସ୍ପାତ, ଅଟୋମୋବାଇଲ, ବୟନଶିଳ୍ପ ଓ ଶ୍ରମକୈନ୍ଦ୍ରିକ ଶିଳ୍ପଗୁଡ଼ିକ ପାଇଁ ୨୦ ପ୍ରତିଶତ ବୃଦ୍ଧି ପ୍ରସ୍ତାବ ରହିଛି । ଶ୍ରୀ ପୁରୀ କହିଛନ୍ତି ବିଶ୍ୱର ବିଭିନ୍ନ ଦେଶ ମଧ୍ୟପ୍ରାଚ୍ୟ ପରିସ୍ଥିତିକୁ ନେଇ କାଟ୍‌ଛାଣ୍ଟ କରୁଥିବାବେଳେ ଭାରତ ଶକ୍ତିସୁରକ୍ଷାକୁ ଅଗ୍ରାଧିକାର ଦେଉଛି ।

---

# ଟ୍ରମ୍ପ-ପିଏମ୍ ମୋଦି

ଆଗାମୀ ଦିନରେ ଭାରତ ଏବଂ ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଆହୁରି ଦୃଢ଼ ହେବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି । ଭାରତରେ ଅବସ୍ଥିତ ଆମେରିକା ଦୂତାବାସ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଏହି ଉକ୍ତିକୁ ପୋଷ୍ଟ କରାଯାଇଛି । ଶ୍ରୀ ଟ୍ରମ୍ପ କହିଛନ୍ତି ସେ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏଭଳି ଦୁଇଜଣ ବ୍ୟକ୍ତିତ୍ୱ ଯେଉଁମାନେ ସମସ୍ତ ସମ୍ଭାବନାକୁ କାର୍ଯ୍ୟରେ ପରିଣତ କରିଥାନ୍ତି ।

---

# ପିଏମ୍-ରାମ ନବମୀ

ଶ୍ରୀରାମ ନବମୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଯୋଧ୍ୟା ରାମ ଜନ୍ମଭୂମି ମନ୍ଦିରରେ ଆଜି ସୂର୍ଯ୍ୟତିଳକ ଉତ୍ସବ ଦର୍ଶନ କରିବା ସହ ପ୍ରାର୍ଥନା କରିଛନ୍ତି । ଗତକାଲି ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇ ସାମାଜିକ ଗଣମାଧ୍ୟମରେ ଶ୍ରୀ ମୋଦୀ କହିଥିଲେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ଜୀବନାଦର୍ଶ ସମସ୍ତଙ୍କୁ ପ୍ରତ୍ୟେକ ପରିସ୍ଥିତିର ସାମ୍ନା କରି କାର୍ଯ୍ୟ କରିବା ଲାଗି ଦୃଢ଼ତା ପ୍ରଦାନ କରିଥାଏ । ସେ କହିଥିଲେ ପ୍ରଭୁ ଶ୍ରୀରାମଙ୍କ ଆଦର୍ଶ ଭାରତ ସମେତ ବିଶ୍ୱବାସୀଙ୍କୁ ପ୍ରେରଣା ଯୋଗାଇଛି । ଏହି ଅବସରରେ ଏକ ବିକଶିତ ଏବଂ ଆତ୍ମନିର୍ଭର ଭାରତ ଗଠନ ଦିଗରେ ଶ୍ରୀ ମୋଦୀ ପ୍ରଭୁ ଶ୍ରୀରାମଙ୍କ ଆଶିଷ କାମନା କରିଛନ୍ତି ।

---

# ଖେଲୋ ଇଣ୍ଡିଆ

ଖେଲୋ ଇଣ୍ଡିଆ ଟ୍ରାଇବାଲ୍ ଗେମ୍ସର ଆଜି ତୃତୀୟ ଦିନରେ, ସନ୍ତରଣ, ଭାରୋତ୍ତୋଳନ, ହକି, ଫୁଟବଲ୍ ଏବଂ କୁସ୍ତିର ପ୍ରତିଯୋଗିତା ଅନୁଷ୍ଠିତ ହେଉଛି ।

ଦ୍ୱିତୀୟ ଦିନରେ, ଗତକାଲି ଛତିଶଗଡ଼ରେ ସନ୍ତରଣ, ଭାରୋତ୍ତୋଳନ, ହକି ଏବଂ ଫୁଟବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । କର୍ଣ୍ଣାଟକର ସନ୍ତରଣକାରୀ ମଣିକାନ୍ତ ଏଲ୍. ପୁରୁଷ ବର୍ଗ ଏବଂ ଓଡ଼ିଶାର ଅଞ୍ଜଳି ମୁଣ୍ଡା ମହିଳା ବର୍ଗ ୨୦୦ ମିଟର ବ୍ୟକ୍ତିଗତ ପର୍ଯ୍ୟାୟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଅଞ୍ଜଳିଙ୍କର ଏହା ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ।

ଭାରୋତ୍ତୋଳନରେ, ଆସାମର ମୋନିଖା ସୋନୋଓ୍ବାଲ୍ ୪୮ କିଲୋଗ୍ରାମ ବର୍ଗରେ ଏବଂ ମିଜୋରାମର ଇସାକ୍ ୬୦ କିଲୋଗ୍ରାମ ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପଦକ ତାଲିକାରେ କର୍ଣ୍ଣାଟକ ଆଠ ସ୍ୱର୍ଣ୍ଣ, ତିନୋଟି ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ସହ ଶୀର୍ଷରେ ଥିବାବେଳେ ଓଡ଼ିଶା ପାଞ୍ଚଟି ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଏବଂ ଆଠଟି କାଂସ୍ୟ ପଦକ ସହ ଦ୍ୱିତୀୟ ସ୍ଥାନରେ ରହିଛି।

.....................................................................................